To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ


ଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଏକଦିବସୀୟରେ ଶତକ ହାସଲ କରିବା ସହ ଦ୍ରୁତତମ ୧୦ହଜାର ରନ୍ ପୂରଣ କରି ସଚିନଙ୍କ ରେକର୍ଡ ଭାଙ୍ଗିଲେ ବିରାଟ




R.N.I. No.-42041/83 Vol-16, Issue No.117, ଭଦ୍ରକ, ଗୁରୁବାର, ୨୫, ଅକ୍ଟୋବର ୨୦୧୮ ■ Bhadrak Thursday, 25 October 2018 Rs. 2.00 Pages-8


## ମୋଦି ପାଇବେ ସିଓଲ ଶାନ୍ତି ପୁରସ୍କାର



ନୂଆଦିଲ୍ଲୀ, ୨୪।୧୦ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ୨୦୧୮ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯିବା ଲାଗି ସିଓଲ ଶାନ୍ତି ପୁରସ୍କାର କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ତର୍ଜାତୀୟ ସହଯୋଗ ଓ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ତାଙ୍କ ଯୋଗଦାନ, ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଇ ମାନବୀୟ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଦୁର୍ନୀତି ନିରୋଧୀ ତଥା ସାମାଜିକ ସଂହତି ପ୍ରୟାସ ଜରିଆରେ ଗଣତନ୍ତ୍ରର ବିକାଶକୁ ଆଗେଇ ନେବା ଦିଗରେ ସମର୍ପିତ ପ୍ରୟାସ ଲାଗି ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ।

୨୦୧୮ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରିବା ଅବସରରେ ପୁରସ୍କାର ସମିତି, ଭାରତୀୟ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଗୁଡ଼ିକର ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ଏବଂ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ତାରତମ୍ୟ ହ୍ରାସ କରିବା ଲାଗି ମୋଦୀ ଅର୍ଥନୀତିର ପ୍ରଚଳନ ଲାଗି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗଦାନକୁ ବିବେଚନା କରିଛି । ଦୁର୍ନୀତି ନିରୋଧୀ ପଦକ୍ଷେପ ଏବଂ ବିମୁଦ୍ରୀକରଣ ଜରିଆରେ ସରକାରକୁ ସ୍ୱଚ୍ଛ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ସମିତି ଉଚ୍ଚପ୍ରଶଂସା କରିଛି। ମୋଦୀ ନୀତିସମୂହ (ଡକ୍ଟରାଇନ) ଏବଂ ଆକ୍ଟ ଇଷ୍ଟ ନୀତି ଜରିଆରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରଗୁଡ଼ିକ ସହ ସକ୍ରିୟ **(ପୃଷ୍ଠା-୭)**

# ନାକେଦମ୍ ବନବିଭାଗ

■ ସୁନ୍ଦରୀ ଦେଉନି ଧରା

■ କାବୁ କରିବାକୁ ଉଦ୍ୟମ ଜାରି

ଭୁବନେଶ୍ୱର, ୨୪।୧୦ (ସକାଳ ଖବର): ବାଘୁଣୀ ସୁନ୍ଦରୀକୁ କାବୁ କରିବା ପାଇଁ ୨ ଥର ଉଦ୍ୟମ କରି ବିଫଳ ହେବା ପରେ ବୁଧବାର ତୃତୀୟ ଥର ପାଇଁ ଉଦ୍ୟମ ଜାରୀ ରହିଛି। ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବାପାଇଁ ୩ ଟି ଟିମ୍ ନିୟୋଜିତ ହୋଇଛନ୍ତି। ଗତକାଲି ସକାଳେ ଏବଂ ରାତିରେ ୨ ଥର ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ଉଦ୍ୟମ କରାଯାଇଥିଲା।।

ସାତକୋଶିଆରେ ନାକେଦମ୍ କଲାଣି ସୁନ୍ଦରୀ । ଦୁଇ ଦିନ ହେଲା ବାଘୁଣୀ ସୁନ୍ଦରୀକୁ ଖୋଜା ଚାଲିଥିଲେ ବି ସେ ଧରା ଦେଉନାହିଁ। ତେଣୁ ସୁନ୍ଦରୀକୁ ଧରିବା ପାଇଁ ଗୋଟିଏ ଛେଳି ଅଣାଯାଇ ଜଙ୍ଗଲରେ ଛଡାଯିବାକୁ ନିଷ୍ପତି ହୋଇଛି। ଜଙ୍ଗଲ ଭିତରେ କଂଚା ମାଂସର ବାସ୍ନା ମଧ୍ୟ ସ୍ପ୍ରେ କରାଯାଉଛି। ଏହି ବାସ୍ନାରେ ମାଂସ ଖାଇବାକୁ ବାଘୁଣୀ ଆସିଲେ ଛେଳିକୁ ଛଡାଯିବ ଏବଂ ଏହି ସମୟରେ ଚାରିପଟୁ ଜଗି ରହିଥିବା ଟ୍ରାଙ୍କୁଲାଇଜ୍ ଟିମ୍ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ଯୋଜନା



କରିଛନ୍ତି । ବାଘୁଣୀକୁ କାବୁ କରିବାକୁ ସାତକୋଶିଆ ଜଙ୍ଗଲରେ ମଂଚାବାନ୍ଧି ଆବଶ୍ୟକ ନିଶ୍ଚେତକ ଏବଂ ଯନ୍ତ୍ରପାତି ସହ ବିଶେଷଜ୍ଞ ଟିମ୍ ପ୍ରସ୍ତୁତ ହୋଇ ରହିଛନ୍ତି। ତେବେ ବାଘୁଣୀ ଦେଖା ଦେଉନଥିବାରୁ ଏହା ଚିନ୍ତାର କାରଣ ହୋଇଛି। ଅପରପକ୍ଷରେ ବାଘୁଣୀ ଏବେବି ଖୋଲାଖୋଲି ବୁଲୁଥିବାରୁ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ଲାଗି ରହିଛି। ଗ୍ରାମବାସୀ କାଟି କବାଟ ଦେଇ ରହୁଛନ୍ତି। ଛୋଟ ପିଲାଙ୍କୁ ବାହାରକୁ ଛାଡୁ ନାହାନ୍ତି ଏବଂ ସଂଧ୍ୟା ହେଲେ ନିଆଁ ଜାଳି ଜଗି ରହୁଛନ୍ତି ।ଆଜି ସଂଧ୍ୟାରେ ତୃତୀୟ ଥର ପାଇଁ ଟ୍ରାଙ୍କୁଲାଇଜର ଟିମ୍ ପକ୍ଷରୁ ଉଦ୍ୟମ ହୋଇଥିଲେ ମଧ ବାଘୁଣୀ ସୁନ୍ଦରୀ ସେମାନଙ୍କୁ ଚକମା ଦେଖାଇ ଘଂଚ ଜଙ୍ଗଲକୁ ଖସି ପଳାଇଥିଲା । ଫଳରେ ଏହି ଟିମ୍ ହତାଶ ହୋଇ ଫେରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଘୁଣୀ ସୁନ୍ଦରୀ ଆକ୍ରମଣରେ ଜଣେ ମହିଳା, ଜଣେ ପୁରୁଷ ଏବଂ ଗାଇଗୋରୁ ମୃତ୍ୟୁବରଣ କରିଥିବା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ସାଧାରଣରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଯାଇଥିବା ପୋଲିସ ଉପରକୁ ଟେକା ପଥର ମାରିବା ଓ ଗାଡି ପୋଡିବା ଘଟଣାରେ ପୋଲିସ ଆଜି ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ସତ୍ୟପ୍ରକାଶ ଭଦ୍ରକ ପିସିସି ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୨୪।୧୦ (ସକାଳ ଖବର): ଭଦ୍ରକ ସଂସଦୀୟ ନିର୍ବାଚନମଣ୍ଡଳୀ କ୍ଷେତ୍ର ପାଇଁ



ସତ୍ୟପ୍ରକାଶ ନାୟକଙ୍କୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପର୍ଯ୍ୟବେକ୍ଷକ ଦାୟିତ୍ୱ ଅର୍ପଣ କରାଯାଇଛି। ଶ୍ରୀ ନାୟକ ସମ୍ପ୍ରତି ପ୍ରଦେଶ କଂଗ୍ରେସ ମିଡିଆ ଓ କମ୍ୟୁନିକେସନ ବିଭାଗ ଦାୟିତ୍ୱରେ ରହିଛନ୍ତି। ପୂର୍ବ ଦାୟିତ୍ୱ ସହିତ ସେ ଭଦ୍ରକ ସଂସଦୀୟ କ୍ଷେତ୍ରର ପିସିସି ପର୍ଯ୍ୟବେକ୍ଷକ ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ଦେଇଛନ୍ତି। ଶ୍ରୀ ନାୟକ ଖୁବଶୀଘ୍ର ଭଦ୍ରକ ସଂସଦୀୟନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତକରି ସେଠାରେ କଂଗ୍ରେସକୁ ତୃଣମୂଳ ସ୍ତରରୁ ସୁଦୃଢ କରିବା ଏବଂ ଆଗାମୀ ନିର୍ବାଚନରେ ଦଳ ଯେଭଳି ଉଲ୍ଲେଖନୀୟ ପ୍ରଦର୍ଶନ କରିବ, ସେ ଦିଗରେ ଆବଶ୍ୟକ ପ୍ରସ୍ତାବ ପିସିସି ନିକଟରେ ଉପସ୍ଥାପନ କରିବାକୁ କୁହାଯାଇଛି।

## ତିତଲି କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ଓଡିଶା ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର, ୨୪।୧୦ (ସକାଳ ଖବର): ସାମୁଦ୍ରିକ ଘୂର୍ଣ୍ଣିଝଡ ତିତଲି ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଗଂଜାମ , ଗଜପତି ଓ ରାୟଗଡା ଜିଲ୍ଲାରେ କ୍ଷୟକ୍ଷତି ଅନୁଧ୍ୟାନ

**ମୃତ୍ୟୁସଂଖ୍ୟା ୭୭ ଛୁଇଁଲା**

କରିବାପାଇଁ କେନ୍ଦ୍ରୀୟ ଟିମ୍ ଖୁବ୍ ଶୀଘ୍ର ଓଡିଶା ଆସିବେ ବୋଲି ଯୁଗ୍ମ ରିଲିଫ୍ କମିଶନର ପ୍ରଭାତ ମହାପାତ୍ର ପ୍ରକାଶ କରିଛନ୍ତି। ସର୍ବାଧିକ ଗଜପତି ଜିଲ୍ଲାରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟ କିପରି ଚାଲିଛି ସେସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବାପାଇଁ ଏସଆରସି ବିଷ୍ଣୁପଦ ସେଠୀଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ସେଠାକୁ ଗସ୍ତ କରିଛନ୍ତି। ସେଠାରେ ପହଂଚିବା ପରେ ଏହି ଟିମ୍ ଜିଲ୍ଲାର ଅଧିକାରୀମାନଙ୍କ ସହ ସମ୍ପୃକ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀ ମହାପାତ୍ର କହିଥିଲେ ଯେ ବର୍ତ୍ତମାନ ସୁଦ୍ଧା ତିତଲିରେ ମୃତକଙ୍କ ସଂଖ୍ୟା ୭୭କୁ ଛୁଇଁଛି। ଏଥିମଧ୍ୟରୁ ୫୮ ଜଣଙ୍କର ମୃତ୍ୟୁ **(ପୃଷ୍ଠା-୭)**

## ଜୀଅନ୍ତା ଜଳିଗଲେ ଡ୍ରାଇଭର



ସୁନ୍ଦରଗଡ଼, ୨୪।୧୦ (ସକାଳ ଖବର): ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇ ଜଳିଗଲା ତେଲ ଟ୍ୟାଙ୍କର । ଦୁର୍ଘଟଣାରେ ଜୀବନ୍ତ ଜଳିଗଲେ ତେଲ ଟ୍ୟାଙ୍କରର ଡ୍ରାଇଭର । ହେଲପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ମେଡିକାଲରେ ଭର୍ତି କରାଯାଇଛି । ସୋନପୁର-ସମ୍ବଲପୁର ରାସ୍ତାର ପଡ୍ରାପାଲି ନିକଟରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣା ପରେ ସମ୍ବଲପୁର-ସୋନପୁର ରାସ୍ତାରେ ପ୍ରାୟ ୨ ଘଂଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଛି ।ସୂଚନା ଅନୁଯାୟୀ, ସମ୍ବଲପୁରରୁ ସୋନପୁର ଅଭିମୁଖେ ଆସୁଥିବା ଏକ ତେଲ ବୋଝେଇ ଟ୍ୟାଙ୍କର ସହିତ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଉଭୟ ଗାଡିରେ ନିଆଁ ଲାଗି ଯାଇଥିଲା । ଟ୍ୟାଙ୍କର ଡ୍ରାଇଭର କମଳେଶ ସିଂ ଗାଡିରୁ ବାହାରିନପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ହେଲପର ଧିରେନ ନାୟକ କୌଣସି ମତେ ଜୀବନ ବଂଚାଇ ବାହାରକୁ ବାହାରି ଆସିଥିଲେ । ହେଲପର ଧିରେନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ମୃତ ଡ୍ରାଇଭର କମଳେଶଙ୍କ ଘର ବିହାର ରାଜ୍ୟରେ ଏବଂ ଗୁରୁତର ଆହତ ହେଲପର ଧିରେନଙ୍କ ଘର ବଲାଙ୍ଗିର ଖେଲକମୁଣ୍ଡାରେ ବୋଲି ଜଣାପଡିଛି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁ ଲିଭାଇବା ପରେ ସମ୍ପୃକ୍ତ ରୁଟ୍ ରେ ଗାଡି ଚଳାଚଳ ସ୍ୱାଭାବିକ୍ ହୋଇଥିଲା ।

## ମର୍ମନ୍ତୁଦ ଦୁର୍ଘଟଣା ୩ ମୃତ ଓ ୧ ଗୁରୁତର

କେନ୍ଦୁଝର, ୨୪।୧୦ (ସକାଳ ଖବର): ବୁଧବାର ସଂଧ୍ୟା ହୋଇ ଆସୁଥିବା ବେଳେ ଏକ ରାସ୍ତା ଦୁର୍ଘଟଣାରେ ଗୋଟିଏ ପରିବାରର ୩ଜଣଙ୍କର ଦୁଃଖଦ ମୃତ୍ୟୁ ହୋଇଥିବାବେଳେ ଜଣେ ଶିଶୁ ଗୁରୁତର ହୋଇଛି। ମୟୁରଭଞ୍ଜ ଜିଲ୍ଲାର ଚଢେଇଭୋଳ ଅଂଚଳର ଏମ.ଡି. ସଜିଦ ତାଙ୍କର ପତ୍ନୀ ଓ ଦୁଇ ଝିଅଙ୍କ ସହ ଏକ ବାଇକରେ କେନ୍ଦୁଝରରୁ ଚଢେଇଭୋଳ ଫେରୁଥିବେ ବେଳେ ୪୯ ନମ୍ବର ଜାତୀୟ ରାଜପଥର ଚେମଣା ଠାରେ ବିପରିତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।। କିନ୍ତୁ ସେଠାରେ ଡାକ୍ତର ସାଜିଦ୍, ତାଙ୍କ ପତ୍ନୀ ତମନା ବିବି ଓ ଗୋଟିଏ ଝିଅକୁ ମୃତ୍ୟୁ ଘୋଷଣା କରିଥିଲେ। ଏବଂ ଅନ୍ୟ ଏକ ଝିଅ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି । ଉତ୍ୟକ୍ତ ଲୋକଙ୍କ ମାଡ଼ରେ ଦୁର୍ଘଟଣା ଘଟାଇଥିବା ପିକଅପ୍ ଡ୍ରାଇଭର ଗୁରୁତର ଅବସ୍ଥାରେ ମୁଖ୍ୟ ଚିକିତ୍ସାଳରେ ମଧ ଭର୍ତି ହୋଇଛି।

## ପୋଲିସ ଇନଫର୍ମର ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି, ୨୪ ଅକ୍ଟୋବର (ହି.ସ.)- ଜିଲ୍ଲାର ମାଥିଲି ଥାନା ଅଂଚଳରେ ଗତ ରାତିରେ ପୋଲିସ ଇନଫର୍ମର ସନ୍ଦେହରେ ଜଣକୁ ହତ୍ୟା କରିଛନ୍ତି ମାଓବାଦୀ । ମୃତକ ହେଲେ ସାଲିମି ପଚାଂୟତ ଅନ୍ତର୍ଗତ ବାରଗୁଡା ଗ୍ରାମର ଅନନ୍ତରାମ ଭୂମିଆ (୪୦) । ଗତ ରାତିରେ ଅନନ୍ତ ଗାଁ ପାଖ ଅନ୍ୟ ଏକ ଗ୍ରାମକୁ ନାଟକ ଦେଖିବାକୁ ଯାଉଥିବା ବେଳେ ବାଟରେ ଲୁଚି ରହିଥିବା ୩୦ ରୁ ଉର୍ଦ୍ଧ୍ୱ ମାଓବାଦୀ ତାଙ୍କୁ ନିସ୍ତୁକ ମାଡ ମାରିବା ସହ ଅତି ନିକଟରୁ ଗୁଳି କରିଥିଲେ । **(ପୃଷ୍ଠା-୭)**

## ରାଜ୍ୟକୁ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ

# ଲୋକାୟୁକ୍ତ କାର୍ଯ୍ୟକାରୀ କେବେ ?

ନୂଆଦିଲ୍ଲୀ, ୨୪।୧୦ : କେବେ ସୁଦ୍ଧା ଲୋକାୟୁକ୍ତ ଆକ୍ଟ କାର୍ଯ୍ୟକାରୀ କରି ଲୋକପାଳ ନିଯୁକ୍ତି ଦିଆଯିବ ତାହା ଜଣାଇବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ନିଯୁକ୍ତି ନେଇ ଆଉ ୩ ମାସ ମହଲତ ଦେବାଲାଗି ରାଜ୍ୟ ସରକାର କରିଥିବା ଆବେଦନକୁ କୋର୍ଟ ଅଗ୍ରାହ୍ୟ



କରିଦେଇଛନ୍ତି। ଲୋକାୟୁକ୍ତ ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଏହି ରାୟ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ମାମଲାରେ ସୁପ୍ରିମକୋର୍ଟ ଗତ ଜୁଲାଇ ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ୩ ମାସ ମହଲତ ଦେଇଥିଲେ। ସୁପ୍ରିମକୋର୍ଟ ଜୁଲାଇ ୧୦ର ଶୁଣାଣିରେ କହିଥିଲେ ଯେ ୨୦୧୮ ଜୁଲାଇ ୭ ତାରିଖରେ ଓଡ଼ିଶା ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ ହୋଇଛି। ସେହି ଆଧାରରେ ଲୋକାୟୁକ୍ତ ନିଯୁକ୍ତ ହେବେ। ଚଳିତ ମାସ ୧୦ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ସମୟସୀମା ଶେଷ ହୋଇଛି। ଫଳରେ ରାଜ୍ୟ ସରକାର ଏକ ସାନି ସତ୍ୟପାଠ ଜରିଆରେ ଆଉ ୩ ମାସ ସମୟ ଚାହିଁଥିଲେ।

## ୪ ଦିନିଆ ରିମାଣ୍ଡରେ ଯିବେ ଅଭିଜିତ୍



ଭୁବନେଶ୍ୱର,୨୪।୧୦ (ସକାଳ ଖବର): କୋଣାର୍କ ସୂର୍ଯ୍ୟ ମନ୍ଦିର , ଶ୍ରୀମନ୍ଦିର ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଯୋଗରେ ସହୀଦନଗର ପୋଲିସ୍ ଦ୍ୱାରା ଗିରଫ ହୋଇ ଜେଲ୍ ହାଜତ୍ ରେ ଥିବା ଅଭିଜିତ୍ ଆୟାର ମିତ୍ରଙ୍କୁ କୋଣାର୍କ ପୋଲିସ୍ ୪ ଦିନିଆ ରିମାଣ୍ଡରେ ନେବା କୋଣାର୍କ ପୋଲିସ୍ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ ରେ ଅଭିଜିତ୍ ଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ତେବେ କୋର୍ଟ ୪ ଦିନ ପାଇଁ ଅନୁମତି ଦେଇଥିଲେ । ଅନ୍ୟପକ୍ଷରେ ବିଧାନସଭା ସଚିବାଳୟ ପକ୍ଷରୁ ନଭେମ୍ବର ୨ ତାରିଖରେ ପୁଣି ଥରେ ଗୃହ କମିଟି ନିକଟରେ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ ନୋଟିସ୍ ଜାରୀ ହୋଇଛି। ସେହିପରି ଅଭିଜିତଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବାକୁ ପୋଲିସ୍ 'ଟ୍ୱିଟର୍'କୁ ତଥ୍ୟ ମାଗିଛି। ଟ୍ୱିଟରରେ ଅଭିଜିତ୍ କ'ଣ ଲେଖିଥିଲେ, ସେ ସଂପର୍କରେ ସବିଶେଷ ତଥ୍ୟ ଦେବାକୁ ଟ୍ୱିଟରକୁ ଚିଠି ଲେଖିଛି ସହିଦ ନଗର ଥାନା ପୋଲିସ୍। ସେହିପରି କେଉଁ ନମ୍ବର, କେଉଁ ମେଲ୍ ଆଇଡ଼ିରେ ସେ ଆକାଉଂଟ ଖୋଲିଛନ୍ତି, କେଉଁ ସମୟରେ କ'ଣ ପୋଷ୍ଟ କରିଥିଲେ, **(ପୃଷ୍ଠା-୭)**



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

## ମାଓନେତା ସବ୍ୟସାଚୀ ପଣ୍ଡାଙ୍କୁ ଇଡିର ଜେରା

ବ୍ରହ୍ମପୁର,୨୪।୧୦ (ସକାଳ ଖବର): ଟପ୍ କ୍ୟାଡର ମାଓନେତା ସବ୍ୟସାଚୀ ପଣ୍ଡାକୁ ଜେରା କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ବେଆଇନ ସମ୍ପତି ବାବଦରେ ସବ୍ୟସାଚୀଙ୍କ ସମେତ ଅନ୍ୟ ମାଓ ନେତାଙ୍କୁ ଇଡି ଜେରା କରିବା ପାଇଁ ଅଣ୍ଟା ଭିଡିଛି । ପୂର୍ବରୁ ବହୁ ମାମଲାରେ ସବ୍ୟସାଚୀଙ୍କୁ ଜେରା କରାଯାଇଥିଲେ ବି କେବେ ଇଡି ଆର୍ଥିକ ମାମଲାରେ ସବ୍ୟସାଚୀଙ୍କୁ ଜେରା କରିନଥିଲା । ସୂଚନାନୁସାରେ, ଆଜି ବ୍ରହ୍ମପୁର ଜେଲରେ ସବ୍ୟସାଚୀଙ୍କୁ ଇଡିର ବରିଷ୍ଠ ଅଧିକାରୀମାନେ ଜେରା କରିଥିଲେ । ଏହି ମାଓନେତାଙ୍କ କୋଟିକୋଟି ଟଙ୍କାର ବେଆଇନ ସମ୍ପତି ତଥା କଳା ସାମ୍ରାଜ୍ୟ ସମ୍ପର୍କରେ ଇଡି ଅନୁସନ୍ଧାନ ଚଳାଇଛି ।। ସବ୍ୟସାଚୀଙ୍କ ବ୍ୟତୀତ ଅନ୍ୟ କିଛି ମାଓନେତା ମଧ ଇଡି ସ୍କାନରରେ ଥିବା ଜଣାପଡିଛି । ଏମାନଙ୍କ ବିରୁଦ୍ଧରେ ବି ଖୁବ୍‌ଶୀଘ୍ର ଇଡି କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ଆଲୋଚନା ହେଉଛି । ତେବେ କୌଣସୀ ମାଓ ନେତାଙ୍କୁ ଇଡି ଜେରା କରିବା ହେଉଛି ରାଜ୍ୟରେ ପ୍ରଥମ ଘଟଣା ।



ହୁଣ୍ଡିର ଆୟ (୨୪.୧୦.୧୮)
୨,୬୫,୩୦୭

# ବଢୁଛି ସିବିଆଇ ବିବାଦ

■ ଏମ୍ ନାଗେଶ୍ୱର ରାଓ ଅନ୍ତରୀଣକାଳୀନ ନିର୍ଦ୍ଦେଶକ

■ ୨୬ରେ ବର୍ମାଙ୍କ ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ, ୨୪।୧୦: ସିବିଆଇରେ ସୃଷ୍ଟି ହୋଇଥିବା ଅନ୍ତଦ୍ୱର୍ନ୍ଦ୍ୱ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି । କେନ୍ଦ୍ର ସରକାର ରାତାରାତି ସିବିଆଇ ମୁଖ୍ୟ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି । ତେବେ ଏହାକୁ ରାକେଶ ଆସ୍ଥାନା ବିରୋଧ କରି ନଥିଲେ ହେଁ ଆଲୋକ ବର୍ମା କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଗ୍ରହଣ କରିବା ସହ ଆସନ୍ତା ୨୬ ତାରିଖରେ ଏହାର ଶୁଣାଣି କରାଯିବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି । ଶ୍ରୀ ବର୍ମାଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଆଇନ୍‌ଜୀବୀ ଶଙ୍କରନାରାୟଣ କହିଥିଲେ, ଶ୍ରୀ ବର୍ମା ଓ ଶ୍ରୀ ଆସ୍ଥାନାଙ୍କୁ କେନ୍ଦ୍ର ସରକାର ଅପ୍ରତ୍ୟାଶିତ ଭାବେ ଛୁଟିରେ ପଠାଇ ଦେଇଛନ୍ତି । ଏହି ଦୁଇ ଅଫିସର ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ତଦନ୍ତ କରୁଥିବା ବେଳେ ଏଭଳି ଛୁଟିରେ ପଠାଇବା ଆଦୌ ଗ୍ରହଣୀୟ ନୁହେଁ । ଶ୍ରୀ ବର୍ମାଙ୍କ କାର୍ଯ୍ୟକାଳ ପୂରିବାକୁ ଆହୁରି ୨ ମାସ ରହିଛି । ତେଣୁ ସରକାର ତାଙ୍କୁ କାର୍ଯ୍ୟରୁ କେବେ ହେଲେ ବେଦଖଲ କରିପାରିବେ ନାହିଁ ବୋଲି ସେ କହିଥିଲେ । ଏହାପରେ କୋର୍ଟ ମାମଲାର ଶୁଣାଣି କରିବାକୁ ରାଜି ହୋଇଥିଲେ । ଗତ ମଧ୍ୟରାତ୍ରିରେ ସିବିଆଇ ପ୍ରସଙ୍ଗରେ ବିଭିନ୍ନ ତନାଘନା ଏବଂ ଶେଷରେ ଦୁଇ ଶୀର୍ଷ ଅଧିକାରୀଙ୍କୁ ଛୁଟି ଦିଆଯିବା ପରେ ଯୁଗ୍ମ ନିର୍ଦ୍ଦେଶକ **(ପୃଷ୍ଠା-୭)**

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**